### ପଟ୍ଟାମୁଣ୍ଡାଇରେ ଲଗାଣ ବର୍ଷା

## ପାଣିଘେରରେ ଉପଖଣ୍ଡସ୍ତରୀୟ ଚିକିତ୍ସାଳୟର ଷ୍ଟାଫ୍ କ୍ୱାର୍ଟର୍ସ

# ରୋଗୀସେବା ବାଧାପ୍ରାପ୍ତ, ଜନଜୀବନ ଅସ୍ତବ୍ୟସ୍ତ

**ପଟ୍ଟାମୁଣ୍ଡାଇ (ଅମୃତ ମିଡିଆ):** ଲଘୁଚାପଜନିତ ଲଗାଣ ବର୍ଷାରେ କେନ୍ଦ୍ରାପଡା ଜିଲ୍ଲା ପଟ୍ଟାମୁଣ୍ଡାଇ ଅଞ୍ଚଳରେ ବ୍ୟାପକ କ୍ଷତି ହେବା ସହ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡିଛି । ବିଶେଷକରି ମଜୁରି ଲାଗି ତେଲଲୁଣ ସଂସାର ଚଳାଉଥିବା ଅଭାବୀ ଲୋକର ହାଣ୍ଡି ଉପରେ ଲଗାଣ ବର୍ଷା ଏକପ୍ରକାର ଦାଉ ସାଧିଛି । ଗତ ୫ ଦିନ ଧରି ବର୍ଷା ଲାଗି ରହିଥିଲେ ମଧ ଗୁରୁବାର ରାତିରୁ ବର୍ଷାର ପରିମାଣ ବଢିଯାଇଛି । ଚାଷଜମି ଜଳମଗ୍ନ, ରାସ୍ତାଘାଟରେ ବର୍ଷାପାଣି ଜମିରହିବା ଫଳରେ ରାସ୍ତାର ପ୍ରକୃତ ସ୍ଥିତି ଜଣା ନ ବଡିବାରୁ ଦୁର୍ଘଟଣା ଘଟୁଛି । ଏଥିସହ ଜଳ ନିଷ୍କାସନ ପଥ ନ ଥିବାରୁ ପଟ୍ଟାମୁଣ୍ଡାଇ ଉପଖଣ୍ଡସ୍ତରୀୟ ଚିକିତ୍ସାଳୟର ଷ୍ଟାଫ୍ କ୍ୱାର୍ଟର୍ସଗୁଡିକ ପାଣିଘେରରେ ରହିଛି ।



ଏ ସମ୍ପର୍କରେ ସାମାଜିକ କର୍ମୀ ପ୍ରତାପ ପାଢୀ, ଅଶୋକ ଲେଙ୍କା, ଶେଖ୍ ମେହେରୁଲ୍ଲା କହିଛନ୍ତି, ସାମାନ୍ୟ ବର୍ଷା ହେଲେ ଚିକିତ୍ସାଳୟ ପରିସରରେ ଆଣ୍ଠୁଏ ପାଣିର ସୁଅ ଛୁଟୁଛି । ପାଣି ଜମିରହି ପୂତିଗନ୍ଧମୟ ପରିବେଶ ସୃଷ୍ଟି ହେଉଛି ।

ଏଠାକୁ ଆସୁଥିବା ରୋଗି ସମ୍ପର୍କୀୟମାନେ ନାକରେ ରୁମାଲ ଦେଇ ଆସୁଥିବା ଦେଖିବାକୁ ମିଳୁଛି । ଚିକିତ୍ସା ନିମନ୍ତେ ଆସୁଥିବା ରୋଗୀ ଓଲଟି ବିଭିନ୍ନ ସଂକ୍ରାମକ ରୋଗର ଶିକାର ହେଉଛନ୍ତି । କେନ୍ଦ୍ର ଓ ରାଜ୍ୟ ସରକାର ସ୍ୱାସ୍ଥ୍ୟସେବାକୁ ଅଧିକ ଗୁରୁତ୍ୱ ଦେଉଥିବା ବେଳେ ସ୍ୱାସ୍ଥ୍ୟକେନ୍ଦ୍ରର ଭିତ୍ତିଭୂମିଗୁଡିକୁ ସଜାଡିବା ଲାଗି ଉଦ୍ୟମ ଅବ୍ୟାହତ ରଖିଛନ୍ତି । ମାତ୍ର ପଟ୍ଟାମୁଣ୍ଡାଇ ଉପଖଣ୍ଡସ୍ତରୀୟ ଚିକିତ୍ସାଳୟରେ ଏହାର ବ୍ୟତିକ୍ରମ ଦେଖିବାକୁ ମିଳିଛି । ପଟ୍ଟାମୁଣ୍ଡାଇ ସ୍ୱାସ୍ଥ୍ୟକେନ୍ଦ୍ରକୁ ରାଜ୍ୟ ସରକାର ଉପଖଣ୍ଡସ୍ତରୀୟ ଚିକିତ୍ସାଳୟର ମାନ୍ୟତା ପ୍ରଦାନ କରିଥିବା ବେଳେ ଏହାର ଭିତ୍ତିଭୂମିର ବିକାଶ ପାଇଁ ପର୍ଯ୍ୟାପ୍ତ ସରକାରୀ ଅନୁଦାନ ଅର୍ଥ ଯୋଗାଇ ଦେଉଛନ୍ତି । ଏହି ଅନୁଦାନ ଅର୍ଥକୁ ପଟ୍ଟାମୁଣ୍ଡାଇ ପୂର୍ତ୍ତ ବିଭାଗ ମାଧ୍ୟମରେ ସ୍ୱାସ୍ଥ୍ୟକେନ୍ଦ୍ରର ଉନ୍ନତି ପାଇଁ ବିନିଯୋଗ କରାଯାଉଛି । କିନ୍ତୁ ଦୂରଦୃଷ୍ଟିର ଅଭାବ ଓ ନିର୍ମାଣ କାର୍ଯ୍ୟରେ ବୈଷୟିକ ତ୍ରୁଟି କାରଣରୁ ସ୍ୱାସ୍ଥ୍ୟକେନ୍ଦ୍ରର ରୂପରେଖ ବଦଳି ପାରୁ ନାହିଁ । ପଟ୍ଟାମୁଣ୍ଡାଇ ପୌରାଞ୍ଚଳରେ ବିଭିନ୍ନ ବସ୍ତି ଗଳିକନ୍ଦିରେ ବର୍ଷାଜଳ ଲହଡି ଭାଙ୍ଗୁଛି । ଲଘୁଚାପଜନିତ ଲଗାଣ ବର୍ଷା ପ୍ରଭାବରେ ସହରର ଜୀବନଯାତ୍ରା ସମ୍ପୂର୍ଣ୍ଣ ବ୍ୟାହତ ହୋଇପଡିଛି । ୧୪ ନଂ. ଓ୍ୱାର୍ଡର ଆକ୍ସିସ୍ ବ୍ୟାଙ୍କ ପାଖ ରାସ୍ତା ଲଗାଣ ବର୍ଷାରୁ ଉଛୁଳା ପାଣି ନିଷ୍କାସନର ସୁବିଧା ହୋଇପାରି ନ ଥିବାରୁ ଖାଲୁଆ ଅଂଶଟି ଜଳାର୍ଣ୍ଣବ ହୋଇଯାଉଛି । ଫଳରେ ଏହି ବାଟ ଦେଇ ଯିବାଆସିବା କରୁଥିବା ଜନସାଧାରଣ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ପାର୍ଶ୍ୱବର୍ତ୍ତୀ ଘରଗୁଡିକରେ ଜଳ ପ୍ରବେଶ କରୁଥିଲେ ମଧ ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ନିଆ ନ ଯିବା ଦୁଃଖର ବିଷୟ ପାଲଟିଛି । ଶନିବାରରଠାରୁ ଲାଗି ରହିଥିବା ଲଗାଣ ବର୍ଷାରେ ପଟ୍ଟାମୁଣ୍ଡାଇ ୧୧ନଂ. ଓ୍ୱାର୍ଡରେ ଉଛୁଳା ପାଣିଘରରେ ପଶିଥିବାରୁ ଲୋକେ ସଂସା, ଥାଳିଆରେ ବୋହି ବାହାରକୁ ଛାଟୁଛନ୍ତି । ଗୁହାଳରେ ପାଣି ପଶିଥିବା ହେତୁ ପାଳିଥିବା ଗୋରୁଙ୍କୁ ଆଣି ପିଣ୍ଡାରେ ବାନ୍ଧିଥିବା ଦେଖିବାକୁ ମିଳିଛି । ରୋଷେଇ ଘରେ ପାଣି ଜମି ରହିଥିବାରୁ ରାନ୍ଧି ଖାଇବା ମଧ ସମ୍ଭବପର ହେଉନାହିଁ । ଅତି ଦୟନୀୟ ଭାବେ ଲୋକେ ଜୀବନ ଅତିବାହିତ କରୁଛନ୍ତି । ତେଣୁ ପ୍ରଶାସନ ପକ୍ଷରୁ ସୁନିୟନ୍ତ୍ରିତ ଭାବେ ଜଳ ନିଷ୍କାସନର ବ୍ୟବସ୍ଥା କରିବା ଦିଗରେ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି ।

# ଟ୍ରକ୍ ପଛରେ ପିଟିହେଲା କାର୍ ୩ ଆହତ



**ପାଣିକୋଇଲି (ଅମୃତ ମିଡିଆ):** ପାଣିକୋଇଲି ଥାନା ଅନ୍ତର୍ଗତ ୨୦ ନମ୍ବର ଜାତୀୟ ରାଜପଥର ଆଶୀର୍ବାଦ ରାଇସମିଲ୍ ସମ୍ମୁଖରେ ଗୁରୁବାର ରାତି ପ୍ରାୟ ୧ଟାରେ ଏକ ଟ୍ରକ୍ ପଛରେ କାର୍ ଧକ୍କା ହୋଇଛି । ଏଥିରେ ୩ ଜଣ ଆହତ ହୋଇଛନ୍ତି । ସେମାନେ ହେଲେ ନୀଳାମ୍ବର ନାୟକ (୩୭), ମାନସ ମୁଣ୍ଡା (୩୪) ଓ କାର୍ ଡ୍ରାଇଭର ଉତ୍ତମ କୁମାର ନାୟକ (୩୨) । ଭୁବନେଶ୍ୱରର ୩ ଜଣ ବ୍ୟକ୍ତି ଏକ କାର୍ ନଂ. (ଓଡ଼ି୦୨-ବିଜେ ୫୮୭୦) ଯୋଗେ କୌଣସି କାମରେ କେନ୍ଦୁଝର ଯାଇ ଫେରୁଥିଲେ । ଏହି ସମୟରେ କାରଟି ରାସ୍ତା କଡରେ ଛିଡା ହୋଇଥିବା ଏକ ଟ୍ରକ୍ ପଛରେ ଭାରସାମ୍ୟ ହରାଇ ଧକ୍କା ଦେଇଥିଲା । ଫଳରେ କାର୍‌ରେ ଥିବା ସୁରକ୍ଷା ବେଲୁନ୍ ବାହାରି ପଡିବା ସହ ଗାଡି ଆଗ ଚୁରମାର୍ ହୋଇ ଯାଇଥିଲା । ଦୁର୍ଘଟଣା ପରେ ଟ୍ରକ୍‌ଟି ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲା । ଏହାଦେଖି ସ୍ଥାନୀୟ ଲୋକେ ପୋଲିସକୁ ଖବର ଦେଇଥିଲେ । ପୋଲିସ ପହଞ୍ଚି ଆହତଙ୍କୁ ଉଦ୍ଧାର କରି ୧୦୮ ଆମ୍ବୁଲାନ୍ସ ଯୋଗେ ଯାଜପୁରରୋଡ କ୍ଷେତ୍ରୀୟ ଚିକିତ୍ସାଳୟକୁ ପଠାଇବା ସହ ଦୁର୍ଘଟଣାଗ୍ରସ୍ତ କାର୍‌କୁ ଜବତ କରିଛି ।

## ସିସି କ୍ୟାମେରା ନଜରରେ ରହିବ ବାଲିଗୁଡା ସହର

**ବାଲିଗୁଡା (ଅମୃତ ମିଡିଆ):** ବାଲିଗୁଡା ସହରରେ ଏଣିକି ରୋକିହେବ ଚୋରି, ଡାକୟତ, ସ୍ପିଡ଼ ଗାଡି ଚାଳକ,ଟ୍ରାଫିକ ସମସ୍ୟା ଦୂର ହୋଇପାରିବ କାରଣ ବାଲିଗୁଡା ସହର ଏଣିକି ସିସି କେମେରା ନଜରରେ ରହିବ । ବାଲିଗୁଡା ବିଜ୍ଞାପିତ ଅଞ୍ଚଳ ପରିଷଦ ପକ୍ଷରୁ ଏହା ନିଷ୍ପତ୍ତି ନିଆଯାଇଥିବା ଏନ.ଏ.ସି ଅଧ୍ୟକ୍ଷ ଗୋବିନ୍ଦ ପ୍ରଧାନ, ଉପାଧ୍ୟକ୍ଷ ଶାନ୍ତି ନାୟକ ସୂଚନା ଦେଇଛନ୍ତି । ବାଲିଗୁଡା ସହରରେ କ୍ଲୋଜ ସର୍କିଟ କ୍ୟାମେରା ଲାଗିବାକୁ ନିଷ୍ପତ୍ତି ନିଆଯାଇଛି । ଏଥି ପାଇଁ ସହରରେ ସି.ସି.ଟି.ଭି ପାଇଁ କେବୁଲ୍ ବିଛା ଚାଲିଛି । ବାଲିଗୁଡା ସହରର ମୁଖ୍ୟରାସ୍ତା ସମେତ ବିଭିନ୍ନ ପ୍ରବେଶ ରାସ୍ତାରେ ମଧ ସି.ସି.ଟି.ଭି ଲଗେଇବାକୁ ସ୍ଥିର କରାଯାଇଛି । ୧୦ ଦିନ ଭିତରେ କେବୁଲ୍ ବିଛା ସାରିବା ପାଇଁ ଲକ୍ଷ୍ୟ ରଖାଜାଇଛି । ଏହି ବାବଦକୁ ୩୦ଲକ୍ଷ ଟଙ୍କା ଖର୍ଚ୍ଚ ହେବ । ସହରର ଟାଉନ ହଲ ଠାରୁ ଆରମ୍ଭ ହୋଇ ଦଣ୍ଡପଦର ମଧ୍ୟରେ ୫୦ ରୁ ଊର୍ଦ୍ଧ୍ୱ କ୍ୟାମେରା ଖଞ୍ଜା ଯିବା ବ୍ୟବସ୍ଥା କରାଯାଇଛି । ଏହି ସି.ସି.ଟି.ଭି ର କଣ୍ଟ୍ରୋଲ ୟୁନିଟ ବିଜ୍ଞାପିତ ଅଞ୍ଚଳ ପରିଷଦ କାର୍ଯ୍ୟାଳୟ ସମେତ ବାଲିଗୁଡା ଥାନା ପରିସରରେ ରହିବ ।

## ଓ୍ୱାର୍ଡ ନଂ.୧୯ ରାସ୍ତା, ଡ୍ରେନ କାର୍ଯ୍ୟର ଶୁଭାରମ୍ଭ

**ବ୍ରହ୍ମପୁର (ଅମୃତ ମିଡିଆ):** ବ୍ରହ୍ମପୁର ମହାନଗର ନିଗମର ବିଭିନ୍ନ ଓ୍ୱାର୍ଡ ପରିଦର୍ଶନ କରି ସମସ୍ୟା ବୁଝିବା ସହ ୧୯ ନଂ ଓ୍ୱାର୍ଡର ଖାଲାସୀ ବଡ଼ସାହି ଏବଂ ମେଦ୍ରୀ ସାହିର ରାସ୍ତା ଓ ଡ୍ରେନ ନିର୍ମାଣ ପାଇଁ ଭିତ୍ତି ଭୂମି ଦେଇଛନ୍ତି ବ୍ରହ୍ମପୁର ସାଂସଦ ଚନ୍ଦ୍ର ଶେଖର ସାହୁ, ବିଧାୟକ ବିକ୍ରମ କୁମାର ପଣ୍ଡା,ମେୟର ସଂଘମିତ୍ରା ଦଳେଇ ଓ ଡେପୁଟି ମେୟର ଇ.ବିବେକ ରେଡ଼ି । ଏହି ଡ୍ରେନ ଓ ରାସ୍ତାକାର୍ଯ୍ୟ ନିମନ୍ତେ ୩୫ଲକ୍ଷ ଟଙ୍କାରେ ନିର୍ମାଣ ପାଇଁ ଭିତ୍ତି ପ୍ରସ୍ତର ସ୍ଥାପନ କରିଥିଲେ। ଏହି ରାସ୍ତା ଓ ଡ୍ରେନ କାର୍ଯ୍ୟକୁ ବିଧାୟକ, ସାଂସଦ,ମେୟର ଓ ଡ଼େପୁଟି ମେୟରଙ୍କ ସମେତ ସ୍ଥାନୀୟ କର୍ପୋରେଟର କାଦମ୍ବରୀ ଦାସ, ପୂର୍ବତନ କର୍ପୋରେଟର ରଇତ ଦାସ ଯୋଗଦେଇ ଉକ୍ତ କାର୍ଯ୍ୟକ୍ରମକୁ ଶୁଭାରମ୍ଭ କରିଥିଲେ । ଏହି କାର୍ଯ୍ୟକ୍ରମରେ କର୍ପୋରେଟରଙ୍କ ସ୍ୱାମୀ ସୁଦର୍ଶନ ଦାସ, କର୍ପୋରେଟର ସଞ୍ଜିତ ପାଣିଗ୍ରାହୀ, ସୂର୍ଯ୍ୟକାନ୍ତ ସୁବୁଦ୍ଧି, ତେଜଶ୍ୱର ସ୍ୱାମୀ,ଶୂନ୍ୟ ଦାସ, ମନୋଜ ସାହୁଙ୍କ ସମେତ ବହୁ ଅଞ୍ଚଳବାସୀ ଉପସ୍ଥିତ ଥିଲେ ।

## ମହିଳାଙ୍କୁ ଅସଦାଚରଣ ଅଭିଯୋଗ, ଜଣେ ଗିରଫ

**ଭଞ୍ଜନଗର (ଅମୃତ ମିଡିଆ):** ତାରସିଂ ଅନ୍ତର୍ଗତ ହରିଗଡ ଗ୍ରାମର ଜଣେ ମହିଳାଙ୍କ ପ୍ରତି ଅସଦ୍ ବ୍ୟବହାର ଅଭିଯୋଗରେ ଜଣେ ଗିରଫ ହୋଇଛନ୍ତି । ସଂପୃକ୍ତ ମହିଳା ଏ ସମ୍ପର୍କରେ ତାରସିଂ ଥାନାରେ ଲିଖିତ ଅଭିଯୋଗ କରିଥିଲେ । ଅଭିଯୋଗକୁ ଭିତ୍ତିକରି ତାରସିଂ ଥାନା କେସ୍ ନଂ - ୨୪୭/୨୨ରେ ମାମଲା ରୁଜୁ କରି କୋର୍ଟ ଚାଲାଣ କରାଯାଇଥିବା ତାରସିଂ ଥାନା ଅଧିକାରୀ ପ୍ରଦୀପ୍ତ କୁମାର ଦାଶ ଓ ଗାଲେରୀ ଫାଣ୍ଡି ଅଧିକାରୀ ଭାଗୀରଥି ନାୟକ ସୂଚନା ଦେଇଛନ୍ତି । ଖବର ନେବାରେ ହରିଗଡ ଗ୍ରାମର ମହିଳା ଜଣକ ଘରେ ଶୋଇଥିଲେ । ସେହି ସମୟରେ ପଡୋଶୀ ବିଶିକେଶନ ତାଙ୍କୁ ଅସଦାଚରଣ କରିବାରୁ ସଂପୃକ୍ତ ମହିଳା ପାଟି କରିଥିଲେ । ତାଙ୍କ ସ୍ୱାମୀ ଉଠି ପଡିଥିଲେ । ପରେ ଅଭିଯୁକ୍ତ ଜଣକ ଘଟଣାସ୍ଥଳରୁ ଖସି ପଳାଉଥିବା ବେଳେ , ମହିଳାଙ୍କ ସ୍ୱାମୀ ପିଛା କରିଥିଲେ ।

# ସାନମଙ୍ଗ ହରିଜନ ସାହିକୁ ପକ୍କା ରାସ୍ତା ନାହିଁ

## ଯାତାୟାତରେ ସମସ୍ୟା ଭୋଗୁଛନ୍ତି ଗ୍ରାମବାସୀ



**ଆଳି (ଅମୃତ ମିଡିଆ):** ରାଜ୍ୟ ସରକାର ଗ୍ରାମାଞ୍ଚଳରେ ବସବାସ କରୁଥିବା ଲୋକମାନଙ୍କୁ ଗମନାଗମନର ସୁବିଧା ଯୋଗାଇ ଦେବା ନିମନ୍ତେ ବିଭିନ୍ନ ଯୋଜନା ମାଧ୍ୟମରେ କୋଟି କୋଟି ଟଙ୍କା ଖର୍ଚ୍ଚ କରି ପକ୍କା ରାସ୍ତା ନିର୍ମାଣ କରୁଛନ୍ତି । କିନ୍ତୁ ପଞ୍ଚାୟତର ଲୋକପ୍ରତିନିଧି ଓ ପ୍ରଶାସନିକ ଅଧିକାରୀଙ୍କ ଅବହେଳା ଯୋଗୁ ସାଧାରଣ ଲୋକେ ସେହି ସୁବିଧାରୁ ବଞ୍ଚିତ ହେଉଛନ୍ତି, ଯାହାର ଏକ ଜ୍ୱଳନ୍ତ ଉଦାହରଣ ଦେଖିବାକୁ ମିଳିଛି ଆଳି ବ୍ଲକ ସାନମଙ୍ଗ ପଞ୍ଚାୟତ ୧୪ ନମ୍ବର ଓ୍ୱାର୍ଡ ହରିଜନ ସାହିରେ । ଏହି ଓ୍ୱାର୍ଡରେ ପ୍ରାୟ ୬୦୦ରୁ ଊର୍ଦ୍ଧ୍ୱ ଲୋକ ବସବାସ କରିଥାନ୍ତି । କିନ୍ତୁ ଏହି ଓ୍ୱାର୍ଡକୁ ଯାଇଥିବା ରାସ୍ତାର ଅବସ୍ଥା ଶୋଚନୀୟ ହୋଇପଡିଛି । ଏହି ଓ୍ୱାର୍ଡର ଅଧିବାସୀମାନଙ୍କ ନିମନ୍ତେ ଥିବା ମୁଖ୍ୟରାସ୍ତାଟି ଲଗାଣ ବର୍ଷା ଯୋଗୁ ସମ୍ପୂର୍ଣ୍ଣ ଭାବେ କର୍ଦ୍ଦମାକ୍ତ ହୋଇପଡିଛି । ଏହି କାଦୁଅ ରାସ୍ତାରେ ଛୋଟପିଲାଠାରୁ ଆରମ୍ଭ କରି ସ୍କୁଲ କଲେଜକୁ ଛାତ୍ରଛାତ୍ରୀ ଯାଉଥିବା ବେଳେ ସାଧାରଣ ଲୋକମାନେ ବିଭିନ୍ନ କାର୍ଯ୍ୟରେ ବାହାରକୁ ଯାଇଥାନ୍ତି । ରାସ୍ତା ଅବସ୍ଥା ଶୋଚନୀୟ ଥିବାରୁ ରାସ୍ତାରେ ଅଟୋ, କାର ଯାଇପାରୁ ନ ଥିବା ବେଳେ ଜରୁରୀକାଳୀନ ସେବା ଯୋଗାଉଥିବା ଦମକଳ କିମ୍ବା ଆମ୍ବୁଲାନ୍ସ ଯିବା ଅସମ୍ଭବ । ତେଣୁ ପ୍ରଶାସନ ପକ୍ଷରୁ ତୁରନ୍ତ ଏହି ରାସ୍ତାକୁ ପକ୍କା ସଡକ କରିବାକୁ ଗ୍ରାମ ବନମାଳୀ ସେଠୀ, ଅମିୟ ସେଠୀ, କେଳୁଚରଣ ସେଠୀ, ବିଶ୍ୱନାଥ ସେଠୀ, ଦଶରଥ ସେଠୀ, ପ୍ରମୋଦ ସେଠୀ ପ୍ରମୁଖଙ୍କ ସମେତ ଗ୍ରାମବାସୀ ଦାବି କରିଛନ୍ତି ।

## ଶ୍ରୀକୃଷ୍ଣ ଗୋଶାଳାରେ ଗାଈଙ୍କୁ ରାକ୍ଷୀ ବାନ୍ଧିଲେ ପଶୁପ୍ରେମୀ

**ବ୍ରହ୍ମପୁର (ଅମୃତ ମିଡିଆ):** ପବିତ୍ର ରକ୍ଷା ବନ୍ଧନ ଉତ୍ସବ ପାଳନ ଅବସରରେ ଗୁରୁବାର ଦିନ ବ୍ରହ୍ମପୁର ସହର ଚଳଚଞ୍ଚଳ ହୋଇ ଉଠିଛି । ପ୍ରଥା ଅନୁସାରେ ଘରେ ଘରେ ଭଉଣୀ ଭାଇକୁ ରାକ୍ଷୀ ବାନ୍ଧିବା ସହ ଆଜିର ଦିନରେ ଜୀବନ ସାରା ରକ୍ଷା କରିବା ପାଇଁ ଭଉଣୀ ଭାଇ ଠାରୁ ପ୍ରତିଶ୍ରୁତି ନେଇଥାଏ । ଏହି ଦିନ ବିଭିନ୍ନ ଗୋଶାଳାରେ ଗାଈଙ୍କୁ ପୂଜା କରାଯିବା ସହ ଫଳ ଓ ମିଷ୍ଟାନ୍ନ ଖୁଆଇ ରାକ୍ଷୀ ବାନ୍ଧିବା ପରମ୍ପରା ଚାଲି ଆସୁଛି । ଏହି ଅବସରରେ ସହରର ବଡ଼ ବଜାର ନିକଟସ୍ଥ ଆଗା ସାହିରେ ଥିବା ସ୍ୱ ପୁରାତନ ୧୯୧୮ ମସିହାରେ ପ୍ରତିଷ୍ଠିତ ଶ୍ରୀକୃଷ୍ଣ ଗୋଶାଳାରେ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ରହି ସେଠାରେ ଥିବା ଗାଈମାନଙ୍କୁ ରାକ୍ଷୀ ବାନ୍ଧିବା ସହ ପାଉଁରୁଟି ଓ ଲଡୁ ଖାଇବାକୁ ଦେଇଥିଲେ । ଗାଈ ମାନଙ୍କୁ ରକ୍ଷା ବନ୍ଧନ ଉତ୍ସବରେ ଅନ୍ୟମାନଙ୍କ ମଧ୍ୟରେ ଟ୍ରାଫିକ ଆଇ.ଆଇ.ସି ସୁନିଲ ବେହେରା, ସ୍ଥାନୀୟ ଓ୍ୱାର୍ଡ ନମ୍ବର -୯ କର୍ପୋରେଟର ସନ୍ତୋଷ କୁମାର ସେଠୀ, ବରିଷ୍ଠ ସାମ୍ବାଦିକ ବିନୋଦ ପଟ୍ଟନାୟକ, ଅନିଲ ପାଢ଼ୀ, ଅନିଲ ଚୌଧୁରୀ, କାମେଶ୍ୱର ମହାନ୍ତି, ସମାଜସେବୀ ମଧୁସୂଦନ ସାହୁ, ବରିଷ୍ଠ ସମବାୟବିତ୍ ତଥା ରାଜ୍ୟ ବିଜୁ ଜନତା ଦଳ ସମବାୟ ନିର୍ବାଚନ କମିଟି ସଭ୍ୟ ସୁଧୀର ରାଉତ, ଦକ୍ଷିଣପୁର ସେବା ସମବାୟ ସମିତି ସଭାପତି ତଥା ବ୍ଲକ୍ ବିଜେଡ଼ି ସଭାପତି ସନ୍ତୋଷ କୁମାର ଚୌଧୁରୀ, ସାମ୍ବାଦିକ, ପଶୁପ୍ରେମୀ ତଥା ଏସ୍.ପି.ସି.ଏ ଗଞ୍ଜାମ ଜିଲ୍ଲା କମିଟି ସଦସ୍ୟ ଲଲାଟେନ୍ଦୁ ଚୌଧୁରୀ ପ୍ରମୁଖ ଉପସ୍ଥିତ ଥିଲେ ।

# ନ୍ୟୁଇଣ୍ଡିଆ ସାକ୍ଷରତା କାର୍ଯ୍ୟକ୍ରମରେ ପ୍ରେରକଙ୍କୁ ସାମିଲ ଦାବି

## ପ୍ରତିବାଦରେ ଶିକ୍ଷାଧିକାରୀଙ୍କୁ ଦାବିପତ୍ର ପ୍ରଦାନ

**ଗୋଲାମୁଣ୍ଡା (ଅମୃତ ମିଡିଆ):** ଶନିବାର ଗୋଲାମୁଣ୍ଡା ବ୍ଲକ ଅଧୀନସ୍ଥ ସମସ୍ତ ପଞ୍ଚାୟତରୁ ଆସିଥିବା ସମସ୍ତ ସାକ୍ଷର ଭାରତ ଅଭିଯାନ ପ୍ରେରକ ଭାଇ ଓ ଭଉଣୀ ମାନେ ' ନେଉ ଇଣ୍ଡିଆନ ଲିଟ୍ରସି ପ୍ରୋଗ୍ରାମ'ରେ ପ୍ରେରକଙ୍କୁ ସାମିଲ କରିବାକୁ ଏକ ଦାବିପତ୍ର ଗୋଲାମୁଣ୍ଡା ବି.ଇ.ଓ.ଶ୍ରୀ ନବକିଶୋର ସାହୁଙ୍କୁ ପ୍ରଦାନ କରି ଥିଲେ । ପ୍ରକାଶ ଥାଉକି ଗତ ଫେବୃଆରୀ ୨୦୧୧ରେ କେନ୍ଦ୍ର ସରକାରଙ୍କ ତରଫରୁ ଦେଶର ଯେଉଁ ଜିଲ୍ଲାର ମହିଳା ସାକ୍ଷରତା ହାର ୫୦ଶତକଡା ଠାରୁ କମ୍ ସେହି ଜିଲ୍ଲା ମାନଙ୍କରେ ସାକ୍ଷର ଭାରତ କାର୍ଯ୍ୟକ୍ରମ




ଚାଲିଥିଲା । ତହିଁରୁ କଲାହାଣ୍ଡି ଅନ୍ତର୍ଭୁକ୍ତ ଥିଲା ।ଏହା ମାର୍ଚ୍ଚ ୨୦୧୮ଯାଏଁ ଚାଲିଥିଲା । ଏଥିରେ ପ୍ରେରକ ତାର ସମସ୍ତ କାର୍ଯ୍ୟ ସୁଚରୁ ରୂପେ କରି ସରକାରଙ୍କର ବିଭିନ୍ନ ପ୍ରକାର ସଚେତନତା ମୂଳକ କାର୍ଯ୍ୟକ୍ରମ ଯଥା ସ୍ୱଚ୍ଛ ଭାରତ ମିଶନ, ନିର୍ବାଚନୀ ସଚେତନ କରାଇବା, ସ୍ୱାସ୍ଥ କାର୍ଯ୍ୟ କ୍ରମ ରେ ସାମିଲ ହୋଇ ଅଦ୍ୟାବଧି ଜଡିତ ଅଛି । ତେଣୁ ଆଗାମୀ ଦିନରେ ହେବାକୁ ଥିବା ନ୍ୟୁ ଇଣ୍ଡିଆ ସାକ୍ଷରତା କାର୍ଯ୍ୟ କ୍ରମରେ ପ୍ରେରକଙ୍କୁ ନିୟୋଜିତ କରିବାକୁ ପ୍ରଶାସନକୁ ଅନୁରୋଧ କରିଛନ୍ତି । ଏଥିରେ ଗୋଲାମୁଣ୍ଡା ବ୍ଲକ ସମ୍ପାଦକ ଶ୍ରୀଯୁକ୍ତ ପଙ୍କଜ ସାହୁ, ସଭାପତି ଶ୍ରୀଯୁକ୍ତ ଯିଶୁରାମ୍ ନାଏକ, ମିନା ସାହୁ, ନରୋତ୍ତମ ସାହୁ, ଗୀତା ବିହାରୀ ଏବଂ ବ୍ଲକ ରସମସ୍ତ ପ୍ରେରକ/ପ୍ରେରୀକ । ଉପସ୍ଥିତ ଥିଲେ ।

# କେନ୍ଦୁଝରରେ ବିଶ୍ୱ ହସ୍ତୀ ଦିବସ ପାଳିତ



**କେନ୍ଦୁଝର (ଅମୃତ ମିଡିଆ):** କେନ୍ଦୁଝର ବନଖଣ୍ଡ ପକ୍ଷରୁ ଚଳିତ ବର୍ଷ ବାଂଶପାଳ ବ୍ଲକ ସଭାଗୃହେର ବିଶ୍ୱ ହସ୍ତୀ ଦିବସ ପାଳିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମେର କେନ୍ଦୁଝର ଡିଏଫଓ ଏଚ୍‌ଡି ଧନରାଜ ମୁଖ୍ୟ ଅତିଥିଭବେ ଯୋଗ ଦେଇ ହାତୀଙ୍କ ସୁରକ୍ଷା ପାଇଁ ନିଆଯାଉଥିବା ପଦେକ୍ଷପ ଉପେର ନିଜର ମତ ରଖିଥିେଲ । ଏହି ବିରାଟକାୟ ବିଲୁପ୍ତପ୍ରାୟ ହାତୀଙ୍କ ସୁରକ୍ଷା ନେଇ ବନ ବିଭାଗ ବ୍ୟାପକ ପଦେକ୍ଷପ ନେଉଥିବାେବେଳ ଲୋକଙ୍କ ସେହଯାଗ ବନା ଏହା ଅସମ୍ଭବ ବୋଲି ଡିଏଫଓ କହିଥିେଲ । କେନ୍ଦୁଝର ଜିଲ୍ଲା ପ୍ରକୃତିର ଏକ ଅପରୂପ ଭଣ୍ଡାର ହୋଇଥିବାେବେଳ ବହୁ ସମୟେର ମନୁଷ୍ୟକୃତ ଅଘଟଣ ଯୋଗୁଁ ସୃଷ୍ଟିର ଅନବଦ୍ୟ ପ୍ରାଣୀ ଗଜରାଜ ମୃତ୍ୟୁବରଣ କରୁଛନ୍ତି । ଏକଦା ଘଞ୍ଚ ଜଙ୍ଗଲ ପରିପୂର୍ଣ୍ଣ କେନ୍ଦୁଝର ଜିଲ୍ଲାର ଶହ ଶହ ବର୍ଷର ଜଙ୍ଗଲ ଏେବ ଧ୍ୱଂସାଭିମୁଖୀ । ଖାଦ୍ୟ ନ ପାଇ ହାତୀ ପଲ ଏେବ ସହର ଓ ଜନପଦ ଆଡକୁ ଚାଲିଆସି ସାଧାରଣ ଲୋକଙ୍କ ଘର ଏବଂ ଫସଲ ନଷ୍ଟ କରିବା ଏକ ନିତିଦିନିଆ ଘଟଣାେର ପରିଣତ ହୋଇଛି । ହାତୀ-ମଣିଷ ଭିତେର ବିବାଦ ବଢିବାେର ଲାଗିଛି । ଏହାର ନିରାକରଣ ପାଇଁ ସେଚତନତା ଆବଶ୍ୟକ ବୋଲି ଅତିଥିଭାେବ ଯୋଗ ଦେଇ ବାଂଶପାଳ ବ୍ଲକ ଅଧ୍ୟକ୍ଷ ମାନସ ଦେହୁରୀ ମତବ୍ୟକ୍ତ କରିଥିେଲ । କେନ୍ଦୁଝର ଜିଲ୍ଲାେର ହାତୀଙ୍କ ଚଳପ୍ରଚଳ ଅଧିକ ରହିଥିବାେବେଳ କିଛି ବର୍ଷ ହେଲା ବିଭିନ୍ନ କାରଣ ରୁ ହାତୀ ମୃତ୍ୟୁ ବଢିବା ଚିନ୍ତାଜନକ ବିଷୟ ହୋଇଛି । ବିଶ୍ୱ ହସ୍ତୀ ଦିବସ ଉପଲେକ୍ଷ ଅନୁଷ୍ଠିତ ଆେଲାଚନା ଚେକ୍ରର ସଦର ଉପ ଜିଲ୍ଲାପାଳ ରାମଚନ୍ଦ୍ର କିସ୍କୁ,ବାଂଶପାଳ ତହସିଲଦାର ସପନ କୁମାର ସାହୁ,ବାଂଶପାଳ ବ୍ଲକ ଅଧ୍ୟକ୍ଷ ମାନସ ଦେହୁରୀ,ଜିଲ୍ଲା ପରିଷଦ ସଭ୍ୟା ଶାନ୍ତିଲତା ଗିରି,ଅରୁଣ ବାରିକ,ଏସିଏଫ୍ ଘନଶ୍ୟାମ ମହାନ୍ତ,ଅେଶାକ କୁମାର ଦାସ,ବଜେପି ରେଞ୍ଜର ମାନସ କୁମାର ମୁର୍ମୁ ଙ୍କ ସେମତ ୬ଟି ଭୂୟାଁ ପୀଢ ସର୍ଦ୍ଦାର,୩ଟି ଜୁଆଙ୍ଗ ପୀଢ ସର୍ଦ୍ଦାର,୨୧ ଜଣ ସରପଂଚ ଏବଂ ୨୦ ଜଣ ସମିତି ସଭ୍ୟ ଯୋଗ ଦେଇ ଜଙ୍ଗଲ ସହ ବନ୍ୟପ୍ରାଣୀଙ୍କ ସୁରକ୍ଷା ପାଇଁ ସମସ୍ତଙ୍କର ମିଳିତ ପ୍ରୟାସ ଜରରୀ ବୋଲି ମତବ୍ୟକ୍ତ କରିଥିେଲ । ଜଙ୍ଗଲର ଶାନ୍ତ ପରେିବଶ ମେଧ୍ୟର ହାତୀ ରହିବା ପାଇଁ ପ୍ରାକୃତିକ ଜଙ୍ଗଲ ସୁରକ୍ଷା ଏବଂ ବୃଦ୍ଧି ସହିତ ଉପଯୁକ୍ତ ଖାଦ୍ୟ ପାନୀୟ ରହିବା ଆବଶ୍ୟକ । ଶେଷେର ବଜେପି ରେଞ୍ଜର ମାନସ କୁମାର ମୁର୍ମୁ ଧନ୍ୟବାଦ ଅପର୍ଣ କରିଥିେଲ । ଏହି ଅବସରେର ହାତୀ ଦ୍ୱାରା ଘର ଭାଙ୍ଗିଥିବା କ୍ଷତିଗସ୍ତ ହୋଇଥିବା ଲୋକଙ୍କୁ ଖାଦ୍ୟ ଶସ୍ୟ ରଖିବା ପାଇଁ ବାକ୍ସ ପ୍ରଦାନ କରାଯାଇଥିଲା ।